# NATIONAL NEWS BULLETIN (ODIA)

**11 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୫ଟି ରାଷ୍ଟ୍ର ଗସ୍ତ ଶେଷ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ ପ୍ରଧାନମନ୍ତ୍ରୀ ।

- ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ କରିବା ଉଦ୍ଦେଶ୍ୟରେ ସମ୍ପୃକ୍ତ ରାଷ୍ଟ୍ରମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି ଶ୍ରୀ ମୋଦୀ ।

- ଝାଡ଼ଖଣ୍ଡ ରାଞ୍ଚିରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହେଲା ୨୭ତମ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକ ।

- ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ପ୍ରତିଷ୍ଠାନ ଗୁଡ଼ିକ ଋଣ ଆଦାୟ କ୍ଷେତ୍ରରେ ନିରପେକ୍ଷ ଓ ସହନଶୀଳ ହେବାକୁ ଅର୍ଥମନ୍ତ୍ରୀଙ୍କ ଗୁରୁତ୍ୱାରୋପ ।

- ଗୁଜୁରାଟ ପୋଲ ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି ।

ଏବଂ

- ଲର୍ଡ୍ସରେ ଆଉ କିଛି ସମୟ ପରେ ଆରମ୍ଭ ହେବ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍ ।

# ପିଏମ୍-ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ବିଭିନ୍ନ ସରକାରୀ ବିଭାଗ ଏବଂ ସଂଗଠନ ଗୁଡ଼ିକରେ ୫୧ ହଜାରରୁ ଅଧିକ ନବନିଯୁକ୍ତ ଯୁବାମାନଙ୍କୁ ଆସନ୍ତାକାଲି ନିଯୁକ୍ତିପତ୍ର ପ୍ରଦାନ କରିବେ । ଏହି ଅବସରରେ ନୂତନ ଭାବେ ନିଯୁକ୍ତ ହେବାକୁ ଥିବା ଏହି ଯୁବାମାନଙ୍କୁ ସମ୍ବର୍ଦ୍ଧନା କରିବାର କାର୍ଯ୍ୟକ୍ରମ ରହିଛି । ଦେଶର ୪୭ଟି ସ୍ଥାନରେ ୧୬ତମ ରୋଜଗାର ମେଳା ଅନୁଷ୍ଠିତ ହେଉଛି । ରେଳ, ଗୃହ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଶ୍ରମ ଏବଂ ନିଯୁକ୍ତି ତଥା ଡାକ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ଓ ମନ୍ତ୍ରଣାଳୟରେ ଏହି ଯୁବାମାନେ ନିଯୁକ୍ତି ପାଇବେ । ଏପର୍ଯ୍ୟନ୍ତ ଦେଶରେ ରୋଜଗାର ମେଳା ମାଧ୍ୟମରେ ୧୦ଲକ୍ଷରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ଏହି ରୋଜଗାର ମେଳା ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା ସ୍ୱରୂପ ଏକ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ନୂତନ ଭାବେ ନିଯୁକ୍ତି ପାଇଥିବା ଏହି ଯୁବାମାନେ ଦେଶ ଗଠନରେ ଅଂଶଗ୍ରହଣ କରି ନିଜକୁ ସଶକ୍ତ କରିବା ପାଇଁ ସୁଯୋଗ ପାଇବେ ବୋଲି ଆଶା କରାଯାଉଛି ।

# ଜେପିସି-ୱାନ୍ ନେସନ ୱାନ୍ ଇଲେକ୍ସନ

ଏକ ରାଷ୍ଟ୍ର ଏକ ନିର୍ବାଚନ ସଂକ୍ରାନ୍ତରେ ଯୁଗ୍ମ ସଂସଦୀୟ କମିଟିର ବୈଠକ ସଂସଦ ଭବନରେ ଅନୁଷ୍ଠିତ ହୋଇ । ଅଣଚାଳିଶ ସଦସ୍ୟ ବିଶିଷ୍ଟ ଏହି କମିଟିରେ ଲୋକସଭାର ୨୭ଜଣ ଏବଂ ରାଜ୍ୟସଭାର ୧୨ଜଣ

ସଦସ୍ୟ ରହିଛନ୍ତି । ଏହି ବୈଠକ ସମ୍ବିଧାନର ୧୨୯ତମ ସଂଶୋଧନ ବିଲ୍ ୨୦୨୪ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସଂଶୋଧନ ଆଇନ୍ ବିଲ୍ ୨୦୨୪କୁ ଅନୁଧ୍ୟାନ କରିବା ପାଇଁ ଏହି ବୈଠକ କରାଯାଇଛି । ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ଏକସଙ୍ଗେ ନିର୍ବାଚନ ଅନୁଷ୍ଠିତ କରାଇବା ପାଇଁ ଏହି ଆଲୋଚନା କରାଯାଇଛି । ବିଜେପି ସାଂସଦ ପି.ପି. ଚୌଧୁରୀଙ୍କ ନେତୃତ୍ୱରେ ଏକ ଦଳ ଆଇନ୍ ବିଶେଷଜ୍ଞଙ୍କ ସହ ପରାମର୍ଶ କରିଛନ୍ତି । ଏହି ବୈଠକରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ. ଚନ୍ଦ୍ରଚୂଡ, ଜଷ୍ଟିସ ଜଗଦୀଶ ସିଂହ ଖେହର ଦେଶରେ ଏକକାଳୀନ ନିର୍ବାଚନ ପ୍ରସଙ୍ଗରେ ନିଜର ମତ ରଖିବେ । ବିଜେପି ସାଂସଦ ଅନୁରାଗ ଠାକୁର, କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ସମାଜବାଦୀ ପାର୍ଟିର ଧର୍ମେନ୍ଦ୍ର ଯାଦବ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଛନ୍ତି । ଦେଶରେ ଏକକାଳୀନ ନିର୍ବାଚନର ଚିନ୍ତାଧାରା ନୂତନ ନୁହେଁ । ସମ୍ବିଧାନ ପ୍ରଣୟନ ପରେ ଦେଶରେ ୧୯୫୧ରୁ ୧୯୬୭ ମସିହା ପର୍ଯ୍ୟନ୍ତ ଲୋକସଭା ଏବଂ ସମସ୍ତ ରାଜ୍ୟ ବିଧାନସଭା ନିର୍ବାଚନ ଏକସଙ୍ଗେ ଅନୁଷ୍ଠିତ ହୋଇଥିଲା । ତେବେ କିଛି ରାଜ୍ୟ ବିଧାନସଭା ଭଙ୍ଗ ହେବା ଯୋଗୁଁ ୧୯୬୮ ଏବଂ ୧୯ଶହ ଅଣସ୍ତରୀରେ ଏକକାଳୀନ ନିର୍ବାଚନ ଅନୁଷ୍ଠିତ ହୋଇପାରିନଥିଲା ।

**V/O ...(PP Choudhury)**

## ଶାହା-ଯମୁନା ନଦୀ

ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଯମୁନା ନଦୀର ପୁନଃରୁଦ୍ଧାର ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ମନୋହରଲାଲ ଖଟ୍ଟର, ସିଆର୍

ପାଟିଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା, ଗୃହସଚିବ ଗୋବିନ୍ଦ ମୋହନଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ଯମୁନା ନଦୀର ପୁନଃରୁଦ୍ଧାର ପାଇଁ ସରକାରଙ୍କ ପକ୍ଷରୁ ନିଆଯାଉଥିବା ସମନ୍ୱିତ ପ୍ରୟାସ ଏବଂ କାର୍ଯ୍ୟ ଯୋଜନା ଉପରେ ଏହି ବୈଠକରେ ଆଲୋଚନା ହୋଇଥିଲା ।

## ଆକ୍ସିଓମ୍-ଫୋର୍ ନାସା

ଆକ୍ସିଓମ୍ ଫୋର୍ ମିଶନ୍‌ରେ ଆନ୍ତର୍ଜାତିକ ମହାକାଶ କେନ୍ଦ୍ରରେ ଥିବା ଭାରତୀୟ ମହାକାଶଚାରୀ ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଳା ଏବଂ ଅନ୍ୟ ତିନି ଜଣ କ୍ରୁ-ସଦସ୍ୟ  ଚଳିତ ମାସ ୧୪ ତାରିଖରେ ପ୍ରତ୍ୟାବର୍ତ୍ତନ କରିବା ଲାଗି ଯାତ୍ରା ଆରମ୍ଭ କରିବେ ବୋଲି ନାସା ଘୋଷଣା କରିଛି । ନାସା ବାଣିଜ୍ୟିକ କ୍ରୁ-କାର୍ଯ୍ୟକ୍ରମର ପରିଚାଳକ ଷ୍ଟିଭ୍ ଷ୍ଟିଚ୍ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଆକ୍ସିଓମ୍ ଫୋର୍ ମିଶନ୍‌କୁ ଅନ୍‌ଡକ୍ କରିବା ଲାଗି ୧୪ ତାରିଖରେ ପ୍ରକ୍ରିୟା ଆରମ୍ଭ ହେବ । ଅନ୍‌ଡକ୍ ହେବାର କେତେ ଘଣ୍ଟା ପରେ ଏହା ପ୍ରଶାନ୍ତ ମହାସାଗରର କାଲିଫର୍ଣ୍ଣିଆ ଉପକୂଳ ନିକଟରେ ଅବତରଣ କରିବ ବୋଲି ଆଶା କରାଯାଉଛି ।

ଗ୍ରୁପ୍ କ୍ୟାପ୍‌ଟେନ୍ ଶୁକ୍ଳା ଆନ୍ତର୍ଜାତିକ ମହାକାଶ ଷ୍ଟେସନ୍‌କୁ ୧୪ ଦିନିଆ ମିଶନ୍‌ରେ ଅଛନ୍ତି । ସେ ୧୯୮୪ ମସିହାରେ ମହାକାଶକୁ ଯାଇଥିବା ଓ୍ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମାଙ୍କ ପରେ ଦ୍ୱିତୀୟ ଭାରତୀୟ ମହାକାଶଚାରୀ । ଗ୍ରୁପ୍ କ୍ୟାପ୍‌ଟେନ୍ ଶୁକ୍ଳା ଏହି ମିଶନ୍‌ରେ ୭ଟି ପରୀକ୍ଷଣ

କରିଛନ୍ତି । ତାଙ୍କ ପିତାମାତା କହିଛନ୍ତି, ଏହି ମିଶନ୍‌ରେ ଶୁକ୍ଲାଙ୍କ ସାମିଲ ହେବା ନେଇ ସେମାନେ ଗର୍ବ ଅନୁଭବ କରୁଛନ୍ତି ।

# ଶିବରାଜ ସିଂହ ଚୌହ୍ୱାନ

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ  କହିଛନ୍ତି କପା ଚାଷକୁ ପ୍ରଭାବିତ କରୁଥିବା କୀଟ ପତଙ୍ଗକୁ କିପରି ପ୍ରତିହତ କରାଯାଇପାରିବ ସେ ଦିଗରେ ସମାଧାନ ବାହାର କରିବାକୁ ସରକାର ଉପାୟ ଖୋଜୁଛନ୍ତି । କୋଏମ୍ବଟୁରର ଆଇସିଏଆର୍ ଗବେଷଣା କେନ୍ଦ୍ର ପରିଦର୍ଶନ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ସରକାର ବୁଣାକାର ଏବଂ କୃଷି ଶିଳ୍ପ ସହିତ ଜଡିତ ଚାଷୀମାନଙ୍କର ଉନ୍ନତି ପାଇଁ ଅନେକ ପଦକ୍ଷେପ ନେଉଛନ୍ତି ।

**V/O (Shivraj Singh Chouhan)**

# ଆର୍‌ବିଆଇ-୨୦୦୦ ଟଙ୍କା ନୋଟ୍

ଭାରତୀୟ ରିଜର୍ଭ ବ୍ୟାଙ୍କ - ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ୨ ହଜାର ଟଙ୍କା ନୋଟ୍‌ର ଆଉ ପ୍ରଚଳନ ନଥିଲେ ମଧ୍ୟ ଏହାର ବୈଧତା ରହିଛି । ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ବିଷୟରେ ସଂସଦୀୟ ସ୍ଥାୟୀ କମିଟିକୁ ସୂଚନା ଦେବା ଅବସରରେ ଶ୍ରୀ ମାଲହୋତ୍ରା ଏହା କହିଛନ୍ତି । ସଂସଦୀୟ କମିଟି ବୈଠକରେ ଅଧିକାଂଶ ସଦସ୍ୟ ୨ହଜାର ଟଙ୍କିଆ ନୋଟ୍‌ର ସ୍ଥିତି ଉପରେ ଆର୍‌ବିଆଇ ଏପର୍ଯ୍ୟନ୍ତ ସେଗୁଡ଼ିକୁ ବେଆଇନ୍ ଘୋଷଣା କରିନାହିଁ ବୋଲି ପ୍ରଶ୍ନ କରିଥିଲେ । ନକଲି ୫୦୦ ଟଙ୍କିଆ ନୋଟ୍ ପ୍ରସଙ୍ଗରେ ଉଠାଯାଇଥିବା ପ୍ରଶ୍ନର ଉତ୍ତରରେ

ଆର୍‌ବିଆଇ ଗଭର୍ଣ୍ଣର ଏହାକୁ ସ୍ୱୀକାର କରି କହିଛନ୍ତି ୫୦୦ ଟଙ୍କିଆ ନକଲି ନୋଟ୍ ସଂଖ୍ୟା ୩୭ପ୍ରତିଶତ ବୃଦ୍ଧି ପାଇଥିଲା । ଅପରପକ୍ଷରେ କେନ୍ଦ୍ରୀୟ ବ୍ୟାଙ୍କ ଏବଂ ସରକାର ଏହି ନକଲି ନୋଟ୍‌ର ପ୍ରଚଳନକୁ ରୋକିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି ବୋଲି ଆର୍‌ବିଆଇ ଗଭର୍ଣ୍ଣର କହିଛନ୍ତି ।

## ଓ୍ୱାର୍ଲ୍ଡ ପପୁଲେସନ ଡେ

ଆଜି ବିଶ୍ୱ ଜନସଂଖ୍ୟା ଦିବସ । ବର୍ଦ୍ଧିତ ଜନସଂଖ୍ୟା ଯୋଗୁଁ ସମଗ୍ର ଦେଶ ତଥା ପୃଥିବୀରେ ସୃଷ୍ଟି ହେଉଥିବା ବିଭିନ୍ନ ଆହ୍ୱାନକୁ ମୁକାବିଲା କରିବା ପାଇଁ ପ୍ରତିବର୍ଷ ଜୁଲାଇ ୧୧ତାରିଖ ଆଜିର ଦିନରେ ଏହି ଦିବସ ପାଳନ କରାଯାଇଥାଏ । ଜନସଂଖ୍ୟା ସମ୍ବନ୍ଧୀୟ ଚିନ୍ତାଧାରାକୁ ସମାଧାନ କରିବା ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ କାର୍ଯ୍ୟ କରିବାକୁ ଏହି ଦିବସ ପାଳନ କରାଯାଉଛି ।  ୧୯୯୦ ମସିହା ଡିସେମ୍ବରରେ ଜାତିସଂଘ ପକ୍ଷରୁ ପରିବେଶ ଏବଂ ବିକାଶ ସହିତ ଜନସଂଖ୍ୟା ସମସ୍ୟା ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଏହି ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ପ୍ରଥମଥର ପାଇଁ ଏହା ୯୦ରୁ ଅଧିକ ଦେଶରେ ପାଳିତ ହୋଇଥିଲା ।

ଏହି ବର୍ଷର ବିଷୟବସ୍ତୁ ରହିଛି "ମାତୃ ଓ ଶିଶୁର ସ୍ୱାସ୍ଥ୍ୟ ଏବଂ ହିତ ପାଇଁ ଗର୍ଭଧାରଣର ସୁସ୍ଥ ସମୟ ଓ ବ୍ୟବଧାନ" ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସମେତ ସାର୍ବଜନୀନ ସ୍ୱାସ୍ଥ୍ୟ ସୁବିଧା ମାଧ୍ୟମରେ ସରକାର ସାରା ଦେଶରେ ଅତ୍ୟାବଶ୍ୟକ ପରିବାର ନିୟୋଜନ ସେବା ପ୍ରଦାନ କରୁଛନ୍ତି । ଏହି ଅବସରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.

ନଡ୍ଡା କହିଛନ୍ତି ମାତୃ ଏବଂ ଶିଶୁକୁ ସୁସ୍ଥ ରଖିବା ପାଇଁ ପିତାମାତା ମାନେ ଯୋଜନାବଦ୍ଧ ହେବା ଜରୁରୀ ।

## କୋଷ୍ଟ ଗାର୍ଡ

ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜର ଦକ୍ଷିଣପୂର୍ବରେ ପ୍ରାୟ ୫୨ ନଟିକାଲ ମାଇଲ୍‌ଡ ଦୂରରେ ଆମେରିକୀୟ ଜାହାଜରେ ଫସି ରହିଥିବା ୨ଜଣ ଜାହାଜ କର୍ମଚାରୀଙ୍କୁ ଭାରତୀୟ ତଟରକ୍ଷୀ ବାହିନୀ ଉଦ୍ଧାର କରିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ବିପଦ ସତର୍କତା ସୂଚନା ପାଇବା ପରେ ପୋର୍ଟବ୍ଲେୟାରର ସାମୁଦ୍ରିକ ଉଦ୍ଧାର ସମନ୍ୱୟ କେନ୍ଦ୍ର ନିକଟବର୍ତ୍ତୀ ସମସ୍ତ ବାଣିଜ୍ୟିକ ଜାହାଜକୁ ସତର୍କ କରାଯାଇଥିଲା । ପରେ ଭାରତୀୟ ତଟରକ୍ଷୀ ବାହିନୀର ରାଜବୀର ଜାହାଜକୁ ଏହି ଅଭିଯାନରେ ନିୟୋଜିତ କରାଯାଇଥିଲା । ସମୁଦ୍ର ମଧ୍ୟରେ ସୃଷ୍ଟି ହୋଇଥିବା ଖରାପ ପାଗ ଯୋଗୁଁ ଏହି ଜାହାଜଟି ଅଟକି ରହିଥିଲା । ତେବେ ୨ଜଣ ଜାହାଜ କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି ।

## ମହା-ସାର୍ବଜନୀକ ଗଣେଶ ଉତ୍ସବ

ମହାରାଷ୍ଟ୍ର ସରକାର ସାର୍ବଜନିକ ଗଣେଶ ଉତ୍ସବକୁ ଆନୁଷ୍ଠାନିକ ଭାବେ ରାଜ୍ୟ ପର୍ବର ମାନ୍ୟତା ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି । ସମଗ୍ର ମହାରାଷ୍ଟ୍ରରେ ଏହି ଉତ୍ସବକୁ ମହାସମାରୋହରେ ପାଳନ କରିବା ପାଇଁ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ସଂସ୍କୃତି ବ୍ୟାପାର ମନ୍ତ୍ରୀ ଆଶିଷ ସେଲାର ରାଜ୍ୟ ବିଧାନସଭାରେ ଗତକାଲି ଏ ସଂକ୍ରାନ୍ତରେ ବିଧିବଦ୍ଧ ଘୋଷଣା କରିଛନ୍ତି ।

ଚଳିତବର୍ଷ ମହାରାଷ୍ଟ୍ରରେ ଆସନ୍ତା ମାସ ୨୭ ତାରିଖରୁ ଏହି ଗଣେଶ ପର୍ବ ୧୦ ଦିନ ଧରି ପାଳନ କରାଯିବ ବୋଲି ଆମ  ସମ୍ବାଦଦାତା ସୂଚନା ଦେଇଛନ୍ତି ।

# ଟେଷ୍ଟ କ୍ରିକେଟ୍

ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ଆୟୋଜକ ଇଂଲଣ୍ଡ ୨୫୧ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ଭାରତୀୟ ସମୟ ଅପରାହ୍ଣ ୩ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଗତକାଲି ପ୍ରଥମ ଦିନରେ ଇଂଲଣ୍ଡ' ଭାରତ ବିପକ୍ଷରେ ୪ ଓ୍ୱିକେଟ୍ ହରାଇ ୨୫୧ରନ୍ ସ୍କୋର କରିଥିଲା । ଜୋ ରୁଟ୍ ୯୯ ଏବଂ ବେନ୍ ଷ୍ଟୋକ୍ସ ୩୯ରନ୍ କରି କ୍ରିଜ୍‌ରେ ଅଛନ୍ତି । ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ଇଂଲଣ୍ଡର ଜୋ ରୁଟ୍ ଏବଂ ଓଲି ପୋପ୍ ୧୦୯ରନ୍ ସ୍କୋର କରିଥିଲେ ।

ହେଡିଂଲିରେ  ପ୍ରଥମ ଟେଷ୍ଟରେ ଇଂଲଣ୍ଡ ପାଞ୍ଚ ଓ୍ୱିକେଟ୍‌ରେ ବିଜୟ ଲାଭ କରିଥିବା ବେଳେ ଏଜ୍‌ବାଷ୍ଟନ୍‌ରେ ଦ୍ୱିତୀୟ ଟେଷ୍ଟରେ ଭାରତ ୩୩୬ରନ୍‌ରେ ବିଜୟ ଲାଭ କରିଛି । ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍ ବର୍ତ୍ତମାନ ୧-୧ରେ ସମାନ ସ୍ଥିତିରେ ରହିଛି ।